## ବାଘୁଆଶୁଣୀ ମଠରେ ସରକାରୀ ନଳକୂପ ଅଚଳ



**ପଞ୍ଚୁପାଣ୍ଡବ,୨୨।୪ (ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ବାଘୁଆଶୁଣୀ ମଠରେ ଥିବା ସରକାରୀ ନଳକୂପଟି ମାସାଧିକ କାଳ ହେବ ଅଚଳ ହୋଇ ପଡ଼ିଛି। ନଳକୂପଟି ଅଚଳହୋଇଯିବାରୁ ପୂଜକ ଠାକୁରାଣୀଙ୍କ ନୀତିକାନ୍ତି କରିବାରେ ବହୁ ଅସୁବିଧା ଭୋଗ କରୁଥିବା ବେଳେ ଏହି ମଠକୁ ଆସୁଥିବା ଭକ୍ତମାନେ ମଧ୍ୟ ପାଣି ପାଇଁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏବେ ତାପମାତ୍ରା ଅଧିକ ହୋଇଥିବାରୁ ପାଣି ପାଇଁ ଲୋକମାନେ ତହଳ ବିକଳ ହେଉଛନ୍ତି। ଏହି ନଳକୂପଟିକୁ ସଜାଡ଼ିବା ପାଇଁ ପଞ୍ଚାୟତର ଅଧିକାରୀମାନଙ୍କୁ ଅବଗତ କରାଯାଇଲେ ମଧ୍ୟ ସେମାନେ ଶୁଣୁନାହାଁନ୍ତି ବୋଲି ପୂଜକ ନିତ୍ୟାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। ତୁରନ୍ତ ଏହି କଳକୂପଟିକୁ ସଜାଡ଼ିବା ପାଇଁ ଗ୍ରାମର ନିରଞ୍ଜନ ବାସୁଳି, କୁଞ୍ଜବିହାରୀ ପଣ୍ଡା, ପୂର୍ଣ୍ଣାନନ୍ଦ ଘଡ଼ାଇ, ତ୍ରିଲୋଚନ ସାହୁ, ଅଜୟ ପଣ୍ଡା, ଏବଂ ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ବିଶ୍ୱ ଧରିତ୍ରୀ ଦିବସରେ ପ୍ଲାଷ୍ଟିକ ସଚେତନତା



**ପଟ୍ଟାମୁଣ୍ଡାଇ,୨୨।୪(ସମିସ):** ବିକାଶ ସାଥୀ ଓ ଡ଼ବ୍ଲ୍ୟୁଟିଆଇ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ମିଳିତ ଭାବେ ପ୍ଲାଷ୍ଟିକ ବର୍ଜନ ସଚେତନତା ଅଭିଯାନ କସ୍ତୁରୀ କଳା ନିକେତନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି ।ପ୍ରକଳ୍ପ ମୁଖ୍ୟ ରୁତିକା ନାଥଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବହୁ ପରିବେଶବିତ, ପ୍ରକୃତିପ୍ରେମୀ ଶିକ୍ଷାବିତ ଓ ସମାଜସେବୀ ଯୋଗ ଦେଇ ବିଶ୍ୱ ଧରିତ୍ରୀ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ ।ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇ ଚିତ୍ର ମାଧ୍ୟମରେ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ପରିବେଶବିତ, ପ୍ରକୃତିପ୍ରେମୀ, ସମାଜସେବୀ ଶିକ୍ଷାବିତ, କବି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ପିଲାମାନେ ଯୋଗ ଦେଇଥିଲେ।

## ପାଖଡ଼ରେ ଧରିତ୍ରୀ ଦିବସ ପାଳିତ




**ଗରଦପୁର,୨୨।୪(ସମିସ):** ଗରଦପୁର ବ୍ଲକ୍ ପାଖଡ଼ ଗ୍ରାମର ଦିବ୍ୟଶକ୍ତି ଟ୍ରଷ୍ଟ ପରିସରରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଧରିତ୍ରୀ ମାତାର ବନ୍ଦନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧକ୍ଷ ପ୍ରକୃତି ବନ୍ଧୁ ଦ୍ୱାରିକାନାଥ ସେନାପତି ସଭାପତିତ୍ୱ କରି ସର୍ବଂସହା ଧରିତ୍ରୀ ମାତାର ଗୁଣଗାନ କରିବା ସହିତ ସବୁଜ ଜୀବନ ଶୈଳୀ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ।ଟ୍ରଷ୍ଟ ବୋର୍ଡର ଉପାଧକ୍ଷ ତ୍ରିଲୋଚନ ସ୍ୱାଇଁ, ଟ୍ରଷ୍ଟ ବୋର୍ଡର ସଭ୍ୟ ଉପେନ୍ଦ୍ର ବାରିକ, ନୃସିଂହ ଚରଣ ବିଶ୍ୱାଳ, ବିମଳ ପ୍ରସାଦ ଜେନା, ଶରତ ଚନ୍ଦ୍ର ସେନାପତି, ଗଙ୍ଗରାମ ଦାଶ, ଚାରୁଚନ୍ଦ୍ର ସେନାପତି ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରିତେଶ କୁମାର ବେହେରା, ଚନ୍ଦ୍ର ଶେଖର ନାୟକ, ଶୁଭ୍ରାଂଜ୍ୟୋତି ସେଠୀ, ନିକେଶ ବେହେରା, ନିଖିଲ ବେହେରା, ମାନସ ବେହେରା, ଭାସ୍କର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିମ୍ନମାନର କାମ

# ନିର୍ମାଣର ବର୍ଷକରେ ଦବିଲା ରାସ୍ତା; ଖାଲରେ ପଡ଼ି ମହିଳା ଗୁରୁତର

**ଡେରାବିଶ,୨୨।୪(ସମିସ)**

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡେରାବିଶ ଅଞ୍ଚଳର ମୁଖ୍ୟ ରାସ୍ତା କୁହାଯାଉଥିବା ୫୩ନଂ ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକ ନିକଟରୁ ଏଣ୍ଡର ପଞ୍ଚାୟତ କ୍ୟାବିନ୍ ଛକ ଯାଏ ୩ କିଲୋମିଟର ରାସ୍ତାକୁ ଗତ ୨୦୨୩ ମସିହାରେ ଫେବର ବ୍ଲକ ପକାଯାଇ ନିର୍ମାଣ କରାଯାଇଥିଲା। ଏହି ରାସ୍ତାଟି କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମା ସହ ଯାଜପୁର ଓ କଟକ ଜିଲ୍ଲା ଅଞ୍ଚଳକୁ ସଂଯୋଗ କରୁଛି। ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ରାସ୍ତା ଉପରେ ତିନୋଟି ଜିଲ୍ଲା ଅଞ୍ଚଳର ଲୋକମାନେ ନିର୍ଭର କରିଥାନ୍ତି। ୨୦୦୯ ମସିହାରେ ଏହି ରାସ୍ତାକୁ ଢଳେଇ ରାସ୍ତା କରାଯାଇଥିବା ବେଳେ ଗତ ୨୦୨୩ ମସିହାରେ ଏହି ରାସ୍ତାର ୩ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଫେବର ବ୍ଲକ ପକାଇଥିଲେ। ଆରମ୍ଭରୁ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗମାନ ହେଉଥିଲା। ମାତ୍ର ବର୍ଷେ ନପୁରୁଣୁ ଏହି ରାସ୍ତାର ଶ୍ୟାମସୁନ୍ଦରପୁର ଗ୍ରାମ ନିକଟରେ ଫେଭର ବ୍ଲକ୍ ଦବିଯାଇ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରବିବାର ସନ୍ଧ୍ୟାରେ ବାଇକ୍ ଯୋଗେ ଯାଉଥିବା ଦମ୍ପତିଙ୍କ ମଧ୍ୟରୁ ବାଇକ୍ ପଛରେ ବସିଥିବା ଜଣେ ମହିଳା ଫେଭରର ବ୍ଲକ ଦବିଯାଇଥିବା ସ୍ଥାନରେ ବାଇକ୍‌ରୁ ଖସିପଡ଼ି ଗୁରୁତର ହୋଇଥିଲେ। ତେବେ ସ୍ଥାନୀୟ ଯୁବକଙ୍କ ସହାୟତାରେ ମହିଳାଙ୍କୁ ଚିକିତ୍ସା କରାଯାଇଥିଲା। ଏଭଳି ବିପଦଜନକ ଅବସ୍ଥାକୁ ସୁଧାରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ। ମାତ୍ର ଏହି ରାସ୍ତାର ଦବିଯାଇଥିବା ସ୍ଥାନଟିକୁ ତୁରନ୍ତ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଦୁର୍ଘଟଣାରୁ ବର୍ତ୍ତିରିବା ପାଇଁ ଗ୍ରାମବାସୀମାନେ ଦବିଯାଇଥିବା ସ୍ଥାନରେ ଡାଳ ପକାଇ ପଥଚାରୀମାନଙ୍କୁ ସତର୍କ କରାଉଛନ୍ତି। ଏଥିସହିତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ମଙ୍ଗଳବାର ଦବିଯାଇଥିବା ସ୍ଥାନକୁ ମରାମତି ପାଇଁ ଶ୍ୟାମସୁନ୍ଦରପୁର ଗ୍ରାମର ସୁଶାନ୍ତ ମଳିକ, ଅନାଦି ଚରଣ ମଳିକ, ଛବିନ୍ଦ୍ର ମଳିକ ପ୍ରମୁଖ ଗ୍ରାମବାସୀ ଏକାଠି ହୋଇଛନ୍ତି। ଏ ବିଷୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ଏହି ଦବିଯାଇଥିବା ସ୍ଥାନକୁ ମଙ୍ଗଳବାର ତୁରନ୍ତ ମରାମତି କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

**ଦବିଥିବା ରାସ୍ତାକୁ ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ**



## ଗଛର ସୁରକ୍ଷା ନିମନ୍ତେ ଅଣ୍ଟା ଭିଡ଼ିଲେ ଯୁବକ

**ଡେରାବିଶ,୨୨।୪ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ- ଗୋଲରାହାଟ ରାସ୍ତା କଡ଼ରେ ଲାଗିଥିବା ଗଛର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ଯୁବକମାନେ। ସୂଚନାଯୋଗ୍ୟ ଏହି ରାସ୍ତାର ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଛକଠାରୁ ଚଷାଖଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼ରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି। ଏହି ଗଛମାନଙ୍କ ଭିତରେ ଶିଶୁ, କୃଷ୍ଣଚୁଡ଼ା, ରାଧାଚୁଡ଼ା, ଚାଖୁଣ୍ଡା ଆଦି ବହୁ ପ୍ରକାର ଗଛ ଲଗାଯାଇଛି। ଏହି ଗଛ ଗୁଡ଼ିକ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ବେଳେ ସ୍ଥାନୀୟ ଗ୍ରାମର ଯୁବକମାନେ ମଧ୍ୟ କିଛି ଗଛ ଲଗାଇଛନ୍ତି। ତେବେ ଏହି ଗଛଗୁଡ଼ିକ ବନବିଭାଗ ଓ ସ୍ଥାନୀୟ ଲୋକଙ୍କ ଯତ୍ନ ଫଳରେ ଏବେ ୧୫ ଫୁଟରୁ ୨୦ ଫୁଟ ପର୍ଯ୍ୟନ୍ତ ବଢ଼ିଲାଣି। ଯାହାକି ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ପଥଚାରୀମାନଙ୍କୁ ଶୁଶୀତଳ ଛାୟା ପ୍ରଦାନ କରିପାରୁଛି। ଏପରିକି ଦିନ ସାରା ଏହି ରାସ୍ତାଟିରେ ଯାତାୟତ କରୁଥିବା ଲୋକମାନେ ସମ୍ପୂର୍ଣ୍ଣ ଭାବେ ଗଛ ଛାଇର ଆନନ୍ଦ ନେଇ ପାରୁଛନ୍ତି। ହେଲେ ଗତ କିଛିଦିନ ହେବ ସ୍ଥାନୀୟ କିଛି ନ୍ୟସ୍ତସ୍ୱାର୍ଥ ଲୋକ ରାସ୍ତା କଡ଼ର ଜଙ୍ଗଲ ସଫା କରିବା ଆଳରେ ଏହି ବଡ଼ ବଡ଼ ଗଛ ମୂଳରେ ଥିବା ଝାଟି ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଝାଟି ଜଙ୍ଗଲ ଜଳିଯିବା ସହିତ ଏହି ନିଆଁର ପ୍ରଭାବରେ ରାସ୍ତା କଡ଼ରେ ଥିବା ଏହି ବଡ଼ବଡ଼ ଗଛ ଗୁଡ଼ିକ ମଧ୍ୟ ମରିଯାଉଥିବା ଦେଖିବାକୁ ମିଳିଛି। ଅବସ୍ଥା ଏପରି ହୋଇଛି ଯେ, ରାସ୍ତା କଡ଼ର ବହୁ ସ୍ଥାନରେ ବଡ଼ ବଡ଼ ଗଛ ଗୁଡ଼ିକ ନିଆଁର ପ୍ରଭାବରେ ମରିଯାଇଥିବା ଦେଖିବାକୁ ମିଳିଛି। ଏହି ଉଦ୍‌ବେଗଜନକ ସ୍ଥିତିରେ ସ୍ଥାନୀୟ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର କିଛି ଯୁବକ ଏହି ଗଛ ଗୁଡ଼ିକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି। ରୁଦ୍ରନାରାୟଣ ନାୟକ,ଶିବ ପ୍ରସାଦ ନାୟକ, ଅନାମ ପଣ୍ଡା, ଲିକୁ ପରିଡ଼ା, ବାଦଲ ବାରିକ ପ୍ରମୁଖ ଯୁବକମାନେ ଏ ସମ୍ବନ୍ଧରେ ବନ ବିଭାଗକୁ ଅବଗତ କରିବା ସହିତ ମରିଯାଇଥିବା ଗଛ ସ୍ଥାନରେ ନୂତନ ଗଛ ଲଗାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଏଥିସହିତ ଗାଁ ଗାଁରେ ବୁଲି ଏହି ରାସ୍ତା କଡ଼ରେ ଥିବା ଗଛ ତଳେ ଥିବା ଜଙ୍ଗଲ ସଫା କରିବା ପାଇଁ ନିଆଁ ନ ଲଗାଇବାକୁ ସଚେତନ କରିଛନ୍ତି। ଏଥିସହିତ ଗଛ ଲଗାଇବା ଓ ଗଛର ଉପକାରିତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇ ସଚେତନ କରାଉଛନ୍ତି।



### ଦେସାହିରେ ବିଦ୍ୟୁତ ବିଭ୍ରାଟ

## ପାଣି ପାଇଁ ଲୋକେ ହନ୍ତସନ୍ତ

**ଗୋବିନ୍ଦପୁର, ୨୨।୪(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଦେସାହି ପଞ୍ଚାୟତ ଦେସାହି ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନସଫର୍ମର ଫିଉଜ ଆଜି ସକାଳେ କଟି ଯାଇଛି। ଏ ସମ୍ପର୍କ ରେ ମଧୁବନ ବିଦ୍ୟୁତ କାର୍ଯ୍ୟାଳୟକୁ ଦେସାହି ସରପଞ୍ଚ ମୋନାଲିସା ଦାସ ଅବଗତ କରାଇଥିଲେ ମଧ୍ୟ ରାତି ଯାଏଁ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ସାମାନ୍ୟ ଫିଉଜଟିଏ ଦିନକ ମଧ୍ୟରେ ସଜଡା ହୋଇପାରିଲାନାହିଁ ଏବେ ଗୀଷ୍ମ ଋତୁରେ ଗରମରେ ଗ୍ରାମବାସୀ ବ୍ୟତିବ୍ୟସ୍ତ ହେଉଛନ୍ତି। ଏଥି ସହିତ ପାନୀୟ ଜଳ ପ୍ରକଳ୍ପରୁ ପାଣି ଯୋଗାଣ ବନ୍ଦ ଥିବାରୁ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

### ● ନକଲି ନମ୍ବରରେ ଟ୍ରକ ବନ୍ଦର ଭିତରକୁ ପ୍ରବେଶ ଘଟଣା

## ସିଆଇଏସ୍ଏଫ୍ ଦ୍ୱାରା ଟ୍ରକ୍ ଜବତ

**ପାରାଦୀପ,୨୨।୪ (ସମିସ) :** ନକଲି ନମ୍ବର ବ୍ୟବହାର କରି ବନ୍ଦର ନିଷିଦ୍ଧାଞ୍ଚଳ ରେ ମାଲ ପରିବହନରେ ନିୟୋଜିତ ହୋଇଛି ବହୁ ଟ୍ରକ ।ଏହା ସହିତ ଲୁହାପଥର ବୋଝେଇ ବହୁ ଟ୍ରକ ନକଲି ନମ୍ବର ବ୍ୟବହାର କରି ପଣ୍ୟ କାରବାର ରେ ନିୟୋଜିତ ହେଉଥିବା ଘଟଣା ବହୁ ଆଗରୁ ପୁଲିସ ନଜରକୁ ମଧ୍ୟ ଆସିଛି। ତେବେ ପୁଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛି ।ତେବେ କିଛି ଦିନ ହେବ ଏହା ଉପରେ ରୋକ ଲାଗିଥିବା ବେଳେ ପୁଣି ଗତକାଲି ନକଲି ନମ୍ବର ଲଗାଇ ବନ୍ଦର ନିଷିଦ୍ଧାଞ୍ଚଳ ରେ ପ୍ରବେଶ କରୁଥିବା ବେଳେ ଏକ ଟ୍ରକ ସିଆଇଏସଏଫ ଦ୍ୱାରା ଧରପଡିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଘଟଣାରୁ ଜଣାଯାଏ ନକଲି ରେଜିଷ୍ଟ୍ରେସନ ନମ୍ବର ଲଗାଇ ଏକ ଟ୍ରକ ମାଲ ପରିବହନ କରି ବନ୍ଦରକୁ ପ୍ରବେଶ କରୁଥିବା ବେଳେ ସିଆଇଏସଏଫ ନଜରକୁ ଆସିଥିଲା। ସିଆଇଏସଏଫ ଇନସପେକ୍ଟର ଏ ସମ୍ପର୍କରେ ସଙ୍ଗେ ସଙ୍ଗେ ପାରାଦୀପ ଆଦର୍ଶ ଥାନାକୁ ଜଣାଇବା ପରେ ପୁଲିସ ଉକ୍ତ ଟ୍ରକକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରିଛି। ଟ୍ରକ ମାଲିକ ଟ୍ରକ ର ପ୍ରକୃତ ନମ୍ବର ଉପରେ ନକଲି ନମ୍ବର ଷ୍ଟିକରିଂ କରି ୧୫ ଦିନ ହେବ ଚଳାଉଥିବା ଚାଳକ ପୁଲିସ ଆଗରେ ମାନି ଯାଇଥିଲା। ଚେସିସ ନମ୍ବର ଯାଞ୍ଚ ବେଳେ ଗାଡିର ପ୍ରକୃତ ନମ୍ବର ପୁଲିସ ଜାଣିଥିଲା। ନକଲି ନମ୍ବରରେ ପାସ କରାଯାଇ ଏଭଳି କାରବାର କରାଯାଉ ଥିବା ଜଣାପଡିଛି ।ତେବେ ଅଧିକ ତଥ୍ୟ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

## ଅନ୍ନପୂର୍ଣ୍ଣା ପୂଜା କମିଟିର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୨।୪(ସମିସ):** ପଟ୍ଟାମୁଣ୍ଡାଇ ପୋ÷ରାଞ୍ଚଳ ଅନ୍ତର୍ଗତ ବେଲତଳ ଗ୍ରାମର ମା' ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କ ପିଠରେ ଅନ୍ନପୂର୍ଣ୍ଣା ପୂଜାକମିଟି ପକ୍ଷରୁ ୭୭ତମ ବାର୍ଷିକ ପୂଜା ଉତ୍ସବ ୬ ଦିନ ବ୍ୟାପି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଲ୍ୱାଧିବାସ, ଅଶୋକାଷ୍ଟମୀ, ଚଣ୍ଡିପାଠ, ନବମୀ ପୂଜା, ଦଶମୀ ପୂଜା, ପ୍ରବଚନ କର୍ଯ୍ୟାକ୍ରମ, ନାମ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲ।। ମୁଖ୍ୟପୂଜକ ଭ୍ରମର ବର ତ୍ରିପାଠୀ ଓ ସହଯୋଗୀ ପ୍ରଭାକର ପଣ୍ଡା ପ୍ରମୁଖ ବେଦଜ୍ଞ ପଣ୍ଡିତମାନେ ଷୋଡ଼ଷ ଉପଚାରରେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ଏହି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୌରାଧକ୍ଷ ହେମନ୍ତ ସାହୁ , ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ସମାଜସେବୀ ଗୋପିନାଥ ତ୍ରିପାଠୀ, ଚନ୍ଦନ ପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମା' ଅନ୍ନପୂର୍ଣ୍ଣାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।



## ରାଜକିଶୋର ମହାରଣା ସ୍ମୃତି ସଂସଦର ବାର୍ଷିକ ଉତ୍ସବ

**ହରିପୁର, ୨୨।୪ (ସମିସ):** ରସୁଲପୁର ବ୍ଲକ୍ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ସମାଜସେବୀ ରାଜକିଶୋର ମହାରଣା ସ୍ମୃତି ସଂସଦର ଷଷ୍ଠ ବାର୍ଷିକ ଉତ୍ସବ କୁଲୁଗାଁସ୍ଥ ଗୋପୀନାଥଜୀଉ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ବରିଷ୍ଠ ସମବାୟ ନେତା ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ପ୍ରହଲ୍ଲାଦ ପଣ୍ଡା, କାହ୍ନୁଚରଣ ଦାଶ, ବୈଦେହ୍ରନାଥ ସାହୁ, ବିଶ୍ୱଜିତ୍ ମହାନ୍ତି, ଅଭିମନ୍ୟୁ ମହାଳିକ ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ନେତା ସମରେନ୍ଦ୍ର କୁମାର ଦାସ, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର କୁମାର ଭୋଇ, ଆଇନଜୀବୀ ଫନୀନ୍ଦ୍ର କୁମାର ମିଶ୍ର, ସମାଜସେବୀ ଭିକାରି ଚରଣ ଜେନା, ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ଦାସ, ଜ୍ୟୋତିର୍ବିତ୍ ପ୍ରବୀର କୁମାର ନାୟକ, ଖୁଦିରାମ କୁଣ୍ଡୁ ପ୍ରମୁଖ ରାଜୁବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ସାମନ୍ତରାପୁର ଓ ଅତଲାପୁର ପଞ୍ଚାୟତର ୧୫ ଜଣ ବରିଷ୍ଠ ନାଗରିକଙ୍କୁ ରାଜୁ ମହାରଣା ସ୍ମୃତି ସମ୍ମାନରେ ସମ୍ମାନିତ କରଯାଇଥିଲା। ପ୍ରକାଶ ଚନ୍ଦ୍ର ମହାରଣା, ବାସୁଦେବ ସାହୁ, ପବିତ୍ରାନନ୍ଦ ସାହୁ, ଦୋଳଗୋବିନ୍ଦ ବାରିକ, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ସମ୍ପାଦକ କାଳନ୍ଦୀ ଚରଣ କଣ୍ଠ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସହସମ୍ପାଦକ ସୁଶାନ୍ତ କୁମାର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ବଟକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଲେବର ଲ-୨ ପରୀକ୍ଷାରେ ସିଲାବସ ବାହାରୁ ପ୍ରଶ୍ନପତ୍ର

# ଦୀନବନ୍ଧୁ ସାହୁ ଆଇନ କଲେଜର ପ୍ରଥମ ପେପର ପରୀକ୍ଷା ବାତିଲ

**ଡେରାବିଶ,୨୨।୪(ସମିସ)**

ଡେରାବିଶ ବ୍ଲକ ଗୁଆଳସିଂସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଆଜି ପରୀକ୍ଷା ବାତିଲ ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଏଥିନିମନ୍ତେ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଆଜି ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ତୃତୀୟ ବର୍ଷ ଆଇନ ଛାତ୍ରଛାତ୍ରୀଙ୍କ ଷଷ୍ଠ ସେମିଷ୍ଟାରର ପ୍ରଥମ ପେପର ଲେବର ଲ-୨ ବିଷୟରେ ପରୀକ୍ଷା ହେବାକୁ ଥିଲା। ୧୩୭ ଜଣ ଛାତ୍ରଛାତ୍ରୀମାନେ ପରୀକ୍ଷା ହଲରେ ପରୀକ୍ଷା ଦେବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ରଶ୍ନପତ୍ରରେ ସିଲାବସ ବାହାରୁ ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ଥିବା ଜାଣିବାକୁ ପାଇଥିଲେ। ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ପ୍ରଶ୍ନପତ୍ରରେ ସିଲାବସ ବାହାରୁ ପ୍ରଶ୍ନମାନ ପଡିଥିବାରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ଆଜିର ପରୀକ୍ଷାକୁ ବାତିଲ କରିଦେଇଥିଲେ। ଏ ସମ୍ପର୍କରେ ଏକ ନୋଟିସ୍ ମଧ୍ୟ ନୋଟିସ୍ ବୋଡର୍‌ରେ ମାରିଥିଲେ। ଯାହାକି ଏହି ପେପରର ସଠିକ ପ୍ରଶ୍ନପତ୍ରରେ ଏହାର ପରୀକ୍ଷା ନିମନ୍ତେ ପୁନର୍ବାର ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ଏହି ଖବର ଜାଣିବା ପରେ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ ଓ ଏହି ପରୀକ୍ଷା ନକରି ଏଥିନିମନ୍ତେ ସେମାନଙ୍କୁ ଗ୍ରେସ ମାର୍କ ଦେବାକୁ ଦାବି କରିଥିଲେ।






## ରାସ୍ତା କଡ଼ ଘାସରେ ନିଆଁ, ସ୍ଥାନୀୟ ବ୍ୟବସାୟୀ ଭୟଭୀତ

**ପାରାଦୀପ, ୨୨।୪ (ସମିସ)** ଆଜି ପୂର୍ବାହ୍ନ ରେ ଜିରୋ ପଏଣ୍ଟ ନିକଟରେ ଅଚାନକ ରାସ୍ତା କଡ ଘାସ ବଣରେ ନିଆଁ ଜଳି ଉଠିଲା ।ନିକଟରେ ୩୩ କେଭି ବିଦ୍ୟୁତ ଖୁଣ୍ଟ ଥିବାରୁ ସେଠାରେ ନିଆଁ ଲାଗିବା ଏକ ବିପଦ ଜନକ ପରିସ୍ଥିତି ଘଟିବା ନେଇ ଆଶଙ୍କା କରାଯାଇଥିଲା ।ତେବେ ଏଭଳି ଘଟଣାକୁ ଦେଖି ସ୍ଥାନୀୟ ବ୍ୟବସାୟୀ ଭୟଭୀତ ହୋଇଯାଇଥିଲେ ।ସଙ୍ଗେ ସଙ୍ଗେ କୁଜଙ୍ଗ ଅଗ୍ନିଶ୍ରମ ବିଭାଗକୁ ଜଣାଇବା ପରେ ସେମାନେ ପହଞ୍ଚି ନିଆଁ କୁ ଆୟତ୍ତ କରିବା ପାଇଁ ପ୍ରୟାସ କରି ସଫଳ ହୋଇ ଥିଲେ। ଅତ୍ୟଧିକ ଖରା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକମାନେ ଅନୁମାନ କରୁଛନ୍ତି ।ତେବେ ଅଞ୍ଚଳ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିବା କୁହାଯାଉଛି।



